# ତହସିଲ କାର୍ଯ୍ୟାଳୟ, କଲ୍ୟାଣସିଂହପୁର

## ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା...206........ ତାରିଖ 10. 01 .୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଲ୍ୟାଣସିଂହପୁର ତହସିଲ ଅନ୍ତର୍ଗତରେ ଥିବା ନିମ୍ନଲିଖିତ ସୌରାତ ଉତ୍ସ ଗୁଡିକ ଦିର୍ଘ ମିଆଦି ଲିଜ୍ ସୁତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ୍ 2016/2017 OMMC(Amendment )Rules- 2016/2017 ମୁତାବକ ଆସନ୍ତା ୫ ବର୍ଷ ନିମନ୍ତେ ଅର୍ଥାତ ୨୦୧୯-୨୦ ଆର୍ଥିକ ବର୍ଷଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ଲିଜ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC(Amendment )Rules- ୨୦୧୬-୨୦୧୭ ଦ୍ୱାରା ପ୍ରଣୀତ Form-M, ପୁରଣ କରି ୩ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ କଲ୍ୟାଣସିଂହପୁର ତହସିଲଦାରଙ୍କୁ ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) । ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ଘ.୧ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ରାୟଗଡ଼ାଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ** ୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦ଙ୍କା (ଅଣଫେରସ୍ତ)ର ଟ୍ରେଜରୀ ଚାଲାଣ । ୨. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦୀର ସମ୍ପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ । ୩. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ । ୪. ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର । ୫. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା. ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

**ବିଶେଷ ସର୍ତ୍ତାବଳୀ** ୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ OMMC (Amendment Rules- ୨୦୧୬/୨୦୧୭ ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ । ୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ନିଲାମଧାରୀ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟରେ ଲିଜ୍‌ଧାରୀ ଚୟନ କରାଯିବ । ୩. ଲିଜ୍‌ଧାରୀ କ୍ଷମତାପାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସଂପୃକ୍ତ ତହସିଲଦାର ନିକଟରେ ଦାଖଲ କରିବେ ।

୪. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ -୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed) ସଂପାଦନ କରିବେ । ୫. ଯଦି ସର୍ବୋଚ୍ଚ ରୟାଲଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲ ଦ୍ଵିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ନୟରେ ସୁଯୋଗ ଦିଆଯିବ ।୬. ଯଦି ଦରଖାସ୍ତକାରୀ ଧାର୍ଯ୍ୟରୟାଲିଟି ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ୭. ନିଲାମଧାରୀମାନେ, OMMC (Amendment) Rules- 2016/2017 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ । ୮. ଲିଜ୍‌ଧାରୀ Surface Rent / Dead Rent ସହ ଜମା ରୟାଲିଟିର ୨% ଅର୍ଥ ଆୟକର ବାବଦକୁ ଏବଂ ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠି(EMF)କୁ ଜମାକରିବେ ଏବଂ ୧୦% ଅର୍ଥ ଜିଲ୍ଲା ମିନିରିୟଲ ପାଣ୍ଠିକୁ(DMF) ଜମାକରିବେ । ୯. ଦରଖାସ୍ତକାରୀ Mines Act 1952 ଏବଂ Explosive Act-1984 ର ସମସ୍ତ ନିୟମ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।୧୦. ଦରଖାସ୍ତକାରୀ ପ୍ରତି ବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।୧୧. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ଏବଂ Envronment clearance ପ୍ରସ୍ତୁତ କରି ଦାଖଲ କରିବେ ।୧୨. ଲିଜ୍ ନିମନ୍ତେ ଚୟନ ହୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ OMMC Rules 2016 ରେ ଥିବା N ଫର୍ମରେ ରାଜିନାମା କରିବା ପାଇଁ ବାଧ୍ୟ ।ଚୟନ ପ୍ରକ୍ରିୟା ପରେ ତିନିମାସ ମଧ୍ୟରେ ଲିଜ୍‌ଧାରୀ ଅନୁମୋଦନ ପ୍ରାପ୍ତ mining Plan & ପରିବେଶ ମଂଜୁରୀ କାର୍ଯ୍ୟାଳୟରେ ଦାଖଲ କରିବେ । ନଚେତ୍ ତାଙ୍କର ଲିଜ୍ ଅନୁମୋଦନ ବାଜ୍ୟାପ୍ତି କରାଯିବ ଏବଂ ଜମାକରିଥିବା ଅମାନତ ରାଶି ବାଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।୧୩. ଲିଜ୍ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ୍ ଧାରୀ ଲିଜ୍ ସର୍ତ୍ତାବଳୀର କୌଣସି ଖିଲାପ୍ କରିନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବାଜ୍ୟାପ୍ତି କରାଯିବ ।୧୪. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି ସମୟରେ ଲିଜ୍ କୁ ନାକଚ କରିପାରିବେ ।୧୫. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତି ସମୟରେ ମୃତ୍ୟୁବରଣ କରିଥାନ୍ତି ସେହି ଅମାନତ ଅର୍ଥ ରାଶି ଏବଂ ଲିଜ୍ ରାଜିନାମା ଲିଜ୍‌ଧାରୀ ଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧି ମାନେ ପୁନଶ୍ଚ ଲିଜ୍ ରାଜିନାମା କରି ସଂପୃକ୍ତ ଖଣି ଲିଜ୍ ପରିଚାଳନା କରିପାରିବେ ।୧୬. ଚୟନ ହୋଇଥିବା ସମସ୍ତ ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ଧାରା ୨୭,୨୮ ,୨୯,୩୦,୩୧,୩୨ ଏବଂ ୩୩ ର ସମସ୍ତ ଉପଧାରାର ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।୧୭. ସରକାରଙ୍କ ପ୍ରଚଳିତ ଆଦେଶ ନାମା ଅନୁଯାୟୀ ରୟାଲଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜ୍‌ଧାରୀମାନେ ବର୍ଦ୍ଧିତ ଧାରାରେ ରୟାଲଟି ପୈଠ କରିବା ପାଇଁ ବାଧ୍ୟ ।୧୮.ପ୍ରଥମେ ନିର୍ଦ୍ଧାରିତ ନିଲାମ ତାରିଖଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କ ରହିଅଛି । ନିଲାମ **ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି** । ସୈରାତ ଉତ୍ସ ଗୁଡ଼ିକର ସଂପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଅଛି ।

| | |
|---|---|
| ନିଲାମ ସ୍ଥାନ | :ତହସିଲ କାର୍ଯ୍ୟାଳୟ |
| ଧାର୍ଯ୍ୟ ତାରିଖ ଓ ସମୟ | :ପ୍ରଥମ ପର୍ଯ୍ୟାୟ ତା.୧୨.୦୧.୨୦୨୦ରିଖ ଦିବା ୧୨ ଘଟିକା |
| | :ଦ୍ୱିତୀୟ ପର୍ଯ୍ୟାୟ ତା.୨୭.୦୧.୨୦୨୦ରିଖ ଦିବା ୧୨ ଘଟିକା |
| | :ତୃତୀୟ ପର୍ଯ୍ୟାୟ ତା.୦୫.୦୨.୨୦୨୦ରିଖ ଦିବା ୧୨ ଘଟିକା |

10.01.2020
ତହସିଲଦାର, କଲ୍ୟାଣସିଂହପୁର

ସ୍ମାରକ ପତ୍ର ସଂଖ୍ୟା 207 ତାରିଖ. 10.01.2020

ଏହି ବିଜ୍ଞାପନର ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ/ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ/ପଞ୍ଚାୟତ ସମିତି କାର୍ଯ୍ୟାଳୟ,କଲ୍ୟାଣସିଂହପୁର/ତହସିଲ କାର୍ଯ୍ୟାଳୟ କଲ୍ୟାଣସିଂହପୁର ବିଜ୍ଞାପନ ଫଳକରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କଲ୍ୟାଣସିଂହପୁର

ସ୍ମାରକ ପତ୍ର ସଂଖ୍ୟା 208 ତାରିଖ 10.01.2020

ଏହି ବିଜ୍ଞାପନର ଏକକିତା ନକଲ ସଂପୃକ୍ତ D.I.O, NIC, ରାୟଗଡ଼ାଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନଟିକୁ www.rayagada.nic.in ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, କଲ୍ୟାଣସିଂହପୁର

ସ୍ମାରକ ପତ୍ର ସଂଖ୍ୟା. 209 ତାରିଖ 10.01.2020

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡ଼/ ଉପ ଜିଲ୍ଲାପାଳ ରାୟଗଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, କଲ୍ୟାଣସିଂହପୁର

# LIST OF SAIRAT SOURCES OF K.SINGHPUR TAHASIL FOR THE YEAR 2019-20

| Sl. No | Name of the Sairat Sources | Name of the Village | Name of the Circle | Khata No. | Plot No. | Area in Ac. |
|---|---|---|---|---|---|---|
| 01 | Kusumasila Stone Quarry | Kusumasila | Bijayanagar | 30 | 10 | 1.17 |
| 02 | Lekaguda Sand Bed | Lekaguda | K.Singhpur | 13 | 205<br>205/207 | 6.22<br>3.90 |
| 03 | K. Singhpur Sand Bed | K.Singhpur | K.Singhpur | 109 | 278 | 16.80 |
| 04 | Belakona Sand Bed | Belakona | Sikarpai | 30 | 329 | 38.52 |
| 05 | Krushnapatraguda Sand Bed | Krushnapatraguda | Bijayanagar | 19 | 251 | 2.00 |

Tahasildar, K.Singhpur